## ସଂକ୍ଷେପରେ

### ଜିଲାରେ ଡେଙ୍ଗୁ ରୋଗୀ ସଂଖ୍ୟା ୩

**ବ୍ରହ୍ମପୁର ଅଫିସ,୨୮।୭:** ଗଞ୍ଜାମ ଜିଲାରେ ଚଳିତ ବର୍ଷର ତୃତୀୟ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ଏଥିରେ ଆକ୍ରାନ୍ତ ଯୁବକ ଜଣଙ୍କ ଗଞ୍ଜାମ ବ୍ଲକ ବଡଚକଡ଼ା ଗ୍ରାମର । ତାଙ୍କ ଡେଙ୍ଗୁ ରିପୋର୍ଟ ପଜିଟିଭ ଆସିଛି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସେ ସୁରଟର ଏକ କମ୍ପାନୀରେ କାମ କରୁଥିବା ବେଳେ ସେଠାରେ ତାଙ୍କୁ ଜ୍ୱର ହୋଇଥିଲା। ସେ ଗାଁକୁ ଫେରିଥିଲେ। ତାଙ୍କର ଜ୍ୱର କମି ନ ଥିଲା। ତାଙ୍କର ଡେଙ୍ଗୁ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିଲା। ପରୀକ୍ଷା ପରେ ସେ ଡେଙ୍ଗୁରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ପୂର୍ବରୁ ଗତ ୨୧ ତାରିଖରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି ) ଅନ୍ତର୍ଗତ ଲାଞ୍ଜିପଲ୍ଲୀ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଡେଙ୍ଗୁ ରିପୋର୍ଟ ପଜିଟିଭ ଆସିଥିଲା। ସେହିପରି ଜିଲାରେ ପ୍ରଥମ ଡେଙ୍ଗୁ ରୋଗୀ ଗତ ୧୪ ତାରିଖରେ ଚିହ୍ନଟ ହୋଇଥିଲେ। ଭୁବନେଶ୍ୱରରେ ରହୁଥିବା ଜଣେ ମହିଳାଙ୍କୁ ଜ୍ୱର ହୋଇଥିଲା। ସେ ନିଜ ଘର ଗଞ୍ଜାମ ବ୍ଲକ ପୋଡମପେଟାକୁ ପରିବାର ସହ ଫେରିଥିଲେ। ତାଙ୍କର ଜ୍ୱର ନ କମିବାରୁ ଗତ ୧୪ ତାରିଖରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇ ଡେଙ୍ଗୁ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିଲା। ପରେ ମହିଳା ଜଣଙ୍କ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ନାଳ ଓ ଖାଲୁଆ ଅଞ୍ଚଳରେ ଜମି ରହିଥିବା ପାଣିରେ ମଶା ନିପାତ ପାଇଁ ସେଠାରେ ସ୍ପ୍ରେ କରିବାକୁ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଉକ୍ତ ଟିମ୍ ପରାମର୍ଶ ଦେଇଛନ୍ତି ବୋଲି ଜିଲା ସ୍ୱାସ୍ଥ୍ୟାଧିକାରୀ (ସିଡିଏମ୍‌ଓ) ଡା. ଉମାଶଙ୍କର ମିଶ୍ର କହିଛନ୍ତି।

**ବର୍ଦ୍ଧିତ ଘର ଟିକସକୁ କଂଗ୍ରେସର ବିରୋଧ**

### ପ୍ରତିବାଦରେ ବିଏମ୍‌ସି ଘେରାଉ ୩ରେ

**ବ୍ରହ୍ମପୁର ଅଫିସ,୨୮।୭:** ବ୍ରହ୍ମପୁରରେ ୨ ବର୍ଷ ତଳୁ ଘର ଟିକସ ମାତ୍ରାଧିକ ଭାବେ ବୃଦ୍ଧି କରାଯାଇଛି। ମହାନଗର ନିଗମ ପକ୍ଷରୁ ଲୋକଙ୍କ ମତାମତ, ଅଭିଯୋଗର ଜନଶୁଣାଣି କରା ନ ଯାଇ ଟିକସ ୧୦୦ରୁ ୪୦୦ ପ୍ରତିଶତ ଏକାଥରକେ ବଢ଼ାଇ ଦିଆଯାଇଛି। ଏହାକୁ ପ୍ରଥମେ ଗଞ୍ଜାମ ଜିଲା କଂଗ୍ରେସ ବିରୋଧ କରି ଆନ୍ଦୋଳନ କରିଥିଲା। ଫଳରେ ବର୍ଦ୍ଧିତ ଟିକସ ସ୍ଥଗିତ ରଖାଯାଇଥିଲା। ଏବେ ପୁଣି ଆଦାୟ ନିମନ୍ତେ ନୋଟିସ ଜାରି କରାଯାଇଛି। ଏହାର ପ୍ରତିବାଦରେ ଅଗଷ୍ଟ ୩ରେ ଜିଲା କଂଗ୍ରେସ ପକ୍ଷରୁ ବିଏମ୍‌ସି ଅଫିସ ଆଗରେ ବିକ୍ଷୋଭ ସହ ଘେରାଉ କରାଯିବାର ଚେତାବନୀ ଦିଆଯାଇଛି।

ବାପୁଜୀ ଆଶ୍ରମରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି,୨୦୨୦ରେ ଟିକସ ବୃଦ୍ଧି ନିଷ୍ପତ୍ତି ବେଳେ ମହାନଗର ନିଗମ ପରିଚାଳନା ଦାୟିତ୍ୱ ସରକାରଙ୍କ ହାତରେ ଥିଲା। ଏବେ ନିର୍ବାଚିତ ଜନ ପ୍ରତିନିଧିଙ୍କ ନିୟନ୍ତ୍ରଣକୁ ଆସିଛି। ତେଣୁ କର୍ପୋରେଟରଙ୍କ ବୈଠକରେ ଆଲୋଚନା କରି ବର୍ଦ୍ଧିତ ଟିକସ ନିଷ୍ପତ୍ତି ସମ୍ପୂର୍ଣ୍ଣ ପ୍ରତ୍ୟାହାର ଲାଗି କଂଗ୍ରେସ ଦାବି କରିଛି। ଆସନ୍ତା ୪ ତାରିଖ ସୁଦ୍ଧା ପୁରୁଣା ତଥ୍ୟ ଲେଖା ନ ଗଲେ ସଚେତନ ଲୋକଙ୍କୁ ନେଇ ବିଶ୍ୱବିଦ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରତିଦିନ ଦୁଇ ଘଣ୍ଟା ଲେଖାଏ ସତ୍ୟାଗ୍ରହ କରିବାକୁ ଘୋଷଣା କରାଯାଇଛି। ଖବରଦାତା ସମ୍ମିଳନୀରେ ପୀତବାସ ପଣ୍ଡା, ମହେଶ୍ୱର ପାତ୍ର, ଭୋକାଲି ସେଠୀ ଓ ବୃନ୍ଦାବନ ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ।

### ହତ୍ୟା ଉଦ୍ୟମ ମାମଲା : ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି,୨୮।୭(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ଗୁରୁବାର ସାହାଣୀ ସାହିର ରିତୁ ଦାସ ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୨୬୯/୨୨ ଦଫା - ୩୦୭/୩୨୪/୩୪୧/୫୦୬/୩୪ରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ବୁଧବାର ରାତି ପ୍ରାୟ ୮ ଟାରେ ଅଭିଯୁକ୍ତ ରିତୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାହାଣୀ ସାହିର ଲାବଣ୍ୟ ଦାସଙ୍କୁ ଜନତା ଲେନ ସ୍ଥିତ ଏକ ଫାଷ୍ଟ ଫୁଡ୍ ଦୋକାନ ସମ୍ମୁଖରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଆହତ ଲାବଣ୍ୟଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏନେଇ ଲାବଣ୍ୟଙ୍କ ବାପା ମଙ୍ଗୁଲୁ ଦାସ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଆଇଆଇସି ଦୀପ୍ତି ରଞ୍ଜନ ବେହେରା ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି।

# ବ୍ରହ୍ମପୁରରୁ ୪ ରୁଟ୍‌ରେ ବସ୍ ବନ୍ଦ

ବ୍ରହ୍ମପୁର ଅଫିସ,୨୮।୭




ମାଓବାଦୀଙ୍କ ପକ୍ଷରୁ ଗୁରୁବାରଠାରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ଶହୀଦ ସପ୍ତାହ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ପକ୍ଷରୁ ଗୁରୁବାରଠାରୁ ୪ଟି ରୁଟ୍‌ରେ ବସ୍ ଚଳାଚଳ ବନ୍ଦ ରହିଛି। ବ୍ରହ୍ମପୁର-ବାଲିମେଳା, ବ୍ରହ୍ମପୁର-ଉମରକୋଟ, ବ୍ରହ୍ମପୁର-ରାୟଗଡ଼ା ଓ ବ୍ରହ୍ମପୁର-ଭବାନୀପାଟଣା ବସ୍ ଉଭୟପଟୁ ଚଳାଚଳ ବନ୍ଦକରି ଦିଆଯାଇଛି। ଅନ୍ୟପଟେ ଭଞ୍ଜନଗର-ମାଲକାନଗିରି ୨ଟି, ଭଞ୍ଜନଗର-ସୁନାବେଡ଼ା ଗୋଟିଏ, ଭଞ୍ଜନଗର-ଇନ୍ଦ୍ରାବତୀ ଗୋଟିଏ ଓ ଭୁବନେଶ୍ୱର-ମୋଟୁ, ଭୁବନେଶ୍ୱର-ମାଲକାନଗିରି ଓ କଟକ-ଚିତ୍ରକୋଣ୍ଡା ଯାଉଥିବା ଉଭୟପଟର ବସ୍ ଚଳାଚଳକୁ ଓଏସ୍‌ଆର୍‌ଟିସି ତରଫରୁ ସପ୍ତାହେ ପର୍ଯ୍ୟନ୍ତ ବନ୍ଦକରି ଦିଆଯାଇଥିବା ବିଭାଗ ସୂତ୍ରରୁ ପ୍ରକାଶ।

ଶହୀଦ ସପ୍ତାହକୁ ଦୃଷ୍ଟିରେ ରଖି ଘରୋଇ ବସ୍‌ଗୁଡ଼ିକରେ ଯାତ୍ରୀ ଯାତାୟାତ କରୁ ନ ଥିବାରୁ ସେଗୁଡ଼ିକ ମଧ୍ୟ ବନ୍ଦ ରହିଛି ବୋଲି ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଟୁଟୁ ପଟ୍ଟନାୟକ କହିଛନ୍ତି। ଅନ୍ୟପଟେ ପୋଲିସ ତରଫରୁ ଏନେଇ ମାଲିକମାନଙ୍କୁ ବସ୍ ଚଳାଚଳ ବନ୍ଦ ନ କରିବାକୁ ନିବେଦନ କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ବ୍ୟାପକ ପାଟ୍ରୋଲିଂ ଚାଲିଥିବା ଯୋଗୁ ଭୟଭୀତ ନ ହୋଇ ବସ୍ ଚଳାଚଳ ସ୍ୱାଭାବିକ କରିବାକୁ ପୋଲିସ ପକ୍ଷରୁ କୁହାଯାଇଛି। ତଥାପି ସରକାରୀ ବସ୍‌ଗୁଡ଼ିକ ହିଂସା ଭୟରେ ବନ୍ଦ ରହୁଛି। ଫଳରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାତାୟାତ ବାଧାପ୍ରାପ୍ତ ହେବା ସହ ଯାତ୍ରୀମାନେ ନାନା ହଇରାଣ ହେବାର ଆଶଙ୍କା ଦେଖାଦେଇଛି।

#### ମାଓବାଦୀଙ୍କ ଶହୀଦ ସପ୍ତାହ

ସୂଚନାଯୋଗ୍ୟ, ୨୦୦୦ରେ ମାଓବାଦୀ ସଂଗଠନ ତରଫରୁ ପିପୁଲ ଲିବେରେଶନ ଗରିଲା ଆର୍ମି (ପିଏଲ୍‌ଓ) ସ୍ଥାପନ କରାଯାଇଥିଲା। ଏହା ପରଠୁ ବିଭିନ୍ନ ସମୟରେ ମାଓବାଦୀମାନେ ପିଏଲ୍‌ଓ ସପ୍ତାହ ଡାକରା ଦେଇଛନ୍ତି। ମାଓବାଦୀ ସପ୍ତାହ ପାଳନ ବେଳେ ପୂର୍ବରୁ ଅନେକ ସ୍ଥାନରେ ବ୍ୟାପକ ହିଂସା ଦେଖିବାକୁ ମିଳିଥିଲା। ଏପରିକି ମାଓବାଦୀମାନେ ସରକାରୀ ସମ୍ପତ୍ତି ଧ୍ୱଂସ କରି ଦେଉଛନ୍ତି। ଶହୀଦ ସପ୍ତାହ ପାଳନ ବେଳେ ମାଓବାଦୀମାନେ ରାସ୍ତା କାଟିବା ସହ ଏହା ଉପରେ ଗଛ ପକାଇ ଦେଇଥାନ୍ତି। ଫଳରେ ବସ୍ ଚଳାଚଳ ବାଧାପ୍ରାପ୍ତ ହୋଇପାରେ।

# ପ୍ରମାଣ ଅଭାବରୁ ୬ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୮।୭

ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରା ଜଜ (ଏଡିଜେ)-୧ ସଂଘମିତ୍ରା ଶର୍ମା ଗୁରୁବାର ଏକ ହତ୍ୟା ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ୬ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଉତ୍ତରପ୍ରଦେଶର ହରିକେଶ କୁମାର ଯାଦବ୍, ପୃଥ୍ୱୀ ପାଲ, ବିଜୟ ବାହାଦୁର ଶୁକ୍ଳା, ଶିବ କୁମାର, କିଷନ କୁମାର ଯାଦବ ଓ ବିଜେନ୍ଦ୍ର ଯାଦବ ବୋଲି ସେମାନଙ୍କ ପାଇଁ ମକଦ୍ଦମା ଲଢୁଥିବା ଆଇନଜୀବୀ ଏସ୍.ରାମ କୁମାର କହିଛନ୍ତି।

ପ୍ରକାଶ ଯେ, ୨୦୦୮ ନଭେମ୍ବର ୨୧ରେ ଉତ୍ତରପ୍ରଦେଶର କେତେକ ଯୁବକ ସେନା ନିଯୁକ୍ତି ପରୀକ୍ଷାରେ ଭାଗନେବା ପାଇଁ ଗୋପାଳପୁର ଥାନା ଅନ୍ତର୍ଗତ ଗୋଳାବନ୍ଧ ଆର୍ମି ଏଡି କଲେଜକୁ ଆସିଥିଲେ। ସେହିପରି ଉକ୍ତ ଦିନ ଅପରାହ୍ନରେ ଗୋପାଳପୁର ବେଳାଭୂମିକୁ ବ୍ରହ୍ମପୁରର ଯୁବକ ଆଶିଷ ତ୍ରିପାଠୀ ତାଙ୍କର ଜଣେ ଯୁବତୀଙ୍କ ସହ ବୁଲିବାକୁ ଯାଇଥିଲେ। ଅନ୍ୟପଟେ ପରୀକ୍ଷା ଦେବା ପରେ ଉତ୍ତରପ୍ରଦେଶରୁ ଆସିଥିବା ୬ ଜଣ ଯୁବକ ମଧ୍ୟ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିଲେ। ସେଠାରେ ଯୁବତୀଙ୍କୁ ଦେଖି ଉତ୍ତରପ୍ରଦେଶ ଯୁବକମାନେ କମେଣ୍ଟ ମାରିଥିଲେ। ଆଶିଷ ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ଉତ୍ତରପ୍ରଦେଶ ଯୁବକମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ମୋବାଇଲ ଲୁଟି ନେଇଥିଲେ। ଫଳରେ ଘଟଣା ସ୍ଥଳରେ ଆଶିଷଙ୍କ ମୃତ୍ୟୁ ଘଟିଥିଲା। ପରେ ଯୁବତୀ ଜଣଙ୍କ ଏନେଇ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧୪/୦୮ ରେ ଏକ ମାମଲା ରୁଜୁ କରିଥିଲା। ଆଶିଷଙ୍କ ଲୁଟ ମୋବାଇଲ ଟ୍ରାକିଂ କରି ପୋଲିସ ଉକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗୁରୁବାର ଏହି ମାମଲାର ବିଚାର ବେଳେ ଉକ୍ତ ୬ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୩୪ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥି ନ ବାରୁ ଏଡିଜେ -୧ ୬ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ କିଶୋର ବିଷୋୟୀ, ଉମା ମହାପାତ୍ର ଓ ଏସ୍.ରାମକୁମାର ଏବଂ ଶିଶିର ପାଢୀ ମକଦ୍ଦମା ପରିଚାଳନା କରିଥିଲେ।

#### ହତ୍ୟା ମାମଲା

# ବଡ଼ ବଜାର, ଦେଶୀ ବେହେରା ପଟା ରିକ୍ସା ସଂଘର କମିଶନରଙ୍କୁ ଦାବି ପତ୍ର



ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ।

ବ୍ରହ୍ମପୁର ଅଫିସ,୨୮।୭

ବ୍ରହ୍ମପୁର ବଡ ବଜାର ପଟା ରିକ୍ସା ଓ ଦେଶୀ ବେହେରା ପଟା ରିକ୍ସା ସଂଘ ପକ୍ଷରୁ ଗୁରୁବାର ବ୍ରହ୍ମପୁର ମହାନଗର ନିଗମ କମିଶନର ଜେ.ସୋନାଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘ ପକ୍ଷରୁ କୁହାଯାଇଛି, ବଡ ବଜାରଠାରେ ପଟା ରିକ୍ସା ଚାଳକଙ୍କ ନିମନ୍ତେ ଏକ ବିଶ୍ରାମ ଗୃହ ଦୀର୍ଘ ଦିନ ଧରି ରହିଛି। ବର୍ତ୍ତମାନ ସେହି ଗୃହ ଭଙ୍ଗା ଯିବାକୁ ନେଇ ବିଏମ୍‌ସି ପକ୍ଷରୁ ନୋଟିସ ଜାରି କରାଯାଇଛି। ଏହି ଗୃହଟି କୌଣସି ବ୍ୟବସାୟିକ ଲାଭ ନିମନ୍ତେ ବ୍ୟବହାର ହେଉ ନାହିଁ। ଏଠାରେ ସଂଘର ବିଭିନ୍ନ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ନିଗମ ପକ୍ଷରୁ ମାସିକ କ ଭଡା ଆଦାୟ କରାଯାଉଛି। କିନ୍ତୁ ବର୍ତ୍ତମାନ ନିଗମ ପକ୍ଷରୁ ଗତ ୧୮ ତାରିଖରେ ମାସିକ ଭଡା ୯୩୬ ଟଙ୍କା ଆଦାୟ କରିବା ପାଇଁ ଚିଠି ମାଧ୍ୟମରେ ଜଣାଇଲେ। ତେବେ ସ୍ୱଳ୍ପ ପାରିଶ୍ରମିକରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ବେଳେ ଏତେ ପରିମାଣର ଭଡା ଦେବାକୁ ଅକ୍ଷମ ବୋଲି ସଂଘ କହିଛି। ଏଥିସହ ବର୍ଦ୍ଧିତ ଦରରେ ବକେୟା ପ୍ରାୟ ୭୫ହଜାର ଟଙ୍କା ପୈଠ କରିବା ପାଇଁ ନିଗମ ପକ୍ଷରୁ ସୂଚନା ଜାରି କରାଯାଇଛି। ଏଣୁ ଭଡା ବୃଦ୍ଧିକୁ ସ୍ଥଗିତ ସହ ପୁନଃ ବିଚାର କରାଯାଇ ସ୍ୱଳ୍ପ ମୂଲ୍ୟର ସ୍ଥାୟୀ ଭଡା ନିର୍ଦ୍ଧାରଣ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ଆଜିର ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଶରତ କୁମାର ସାହୁ, ଉପସଭାପତି ଅଶୋକ କୁମାର ଶୁକ୍ଳା, ଉତ୍ତମ କୁମାର ପାଣିଗ୍ରାହୀ, ସମ୍ପାଦକ ପ୍ରଦୀପ କୁମାର ସାହୁ, ସହ ସମ୍ପାଦକ ଅନନ୍ତ ନାରାୟଣ ତ୍ରିପାଠୀଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ପୋଖରୀରେ ବୁଡ଼ି ଭଉଣୀ ମୃତ, ଭାଇ ଉଦ୍ଧାର

ପାତ୍ରପୁର,୨୮।୭(ଡି.ଏନ.ଏ.)

ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ବମକେଇ ଗ୍ରାମରେ ଗୁରୁବାର ପୋଖରୀରେ ବୁଡ଼ି ୨ ବର୍ଷିୟା ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ୪ ବର୍ଷିୟ ଶିଶୁପୁତ୍ରକୁ ଗ୍ରାମବାସୀ ଉଦ୍ଧାର କରିଛନ୍ତି । ଉଭୟେ ଭଉଣୀ ଭାଇ। ପୋଲିସ ଶିଶୁକନ୍ୟାର ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ସୂଚନା ଅନୁଯାୟୀ, ଭଗବାନ ନାଇକଙ୍କର ୨ ବର୍ଷର ଝିଅ ସାଇନା ଓ ଭଗବାନଙ୍କ ଭାଇ ସୁରେନ୍ଦ୍ର ନାଇକଙ୍କ ୪ ବର୍ଷର ପୁଅ ରୁଷି ଦୁଆର ମୁହଁରେ ବଲ ଖେଳୁଥିଲେ। ବଲଟି ନିକଟରେ ଥିବା ପୋଖରୀକୁ ଗଡ଼ିଯାଇଥିଲା। ବଲ ଆଣିବାକୁ ଶିଶୁ ଦୁଇ ଜଣ ପୋଖରୀକୁ ଯାଇଥିଲେ। ତେବେ ସାଇନା ପାଣିରେ ପଶି ବୁଡ଼ି ଯାଇଥିବା ବେଳେ ରୁଷି ପାଣିରେ ପଶିଥିବା ଦେଖି କିଛି ଲୋକ ତାଙ୍କୁ ଉଦ୍ଧାର କରିଥିଲେ।

# ଇତିହାସ ବିଭାଗ ପାଠଚକ୍ର




ଇତିହାସ ବିଭାଗ ପକ୍ଷରୁ ଅନୁଷ୍ଠିତ ପାଠଚକ୍ର।

ବ୍ରହ୍ମପୁର ଅଫିସ,୨୮।୭

#### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ବୁଧବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦୃଷ୍ଟିରେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ଡ. ସଦାନନ୍ଦ ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ଅବସରପ୍ରାପ୍ତ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ପାଠଚକ୍ରରେ ମୁଖ୍ୟବକ୍ତା ପ୍ରଫେସର ପଟ୍ଟନାୟକ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସମୟରେ ନେତାଜୀଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ଛାତ୍ରୀଛାତ୍ର ଓ ଗବେଷକମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡ.ରମାକାନ୍ତ ଭୂୟାଁ, ଅଧ୍ୟାପିକା ଡ. ଏ.ଶୋଭାରାଣୀ, ଡ. ଶଙ୍କର୍ଷଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ଦିର କମିଟି ଗଠନକୁ କେନ୍ଦ୍ରକରି ୨ ଗୋଷ୍ଠୀ ମାରପିଟ

ବ୍ରହ୍ମପୁର ଅଫିସ,୨୮।୭

ଶିବମନ୍ଦିର କମିଟି ଗଠନକୁ କେନ୍ଦ୍ରକରି ବ୍ରହ୍ମପୁର ଜଗଦଳପୁର ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ବୁଧବାର ମାରପିଟ ହୋଇଥିଲା। ଏହି ଘଟଣାରେ ସଦର ଥାନା ପୋଲିସ ଦୁଇ ମାମଲାରେ ୧୦ ଜଣଙ୍କୁ ଗିରଫ କରିଛି। ଜଗଦଳପୁର ଗ୍ରାମର କେ.ବିନୋଦ କୁମାରଙ୍କ ଅଭିଯୋଗ ଅନୁସାରେ ମାମଲା ନମ୍ବର ୩୨୭/୨୨ରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବି. ବିଚିତ୍ର ପାତ୍ର, କେ. ନାରାୟଣ ପାତ୍ର, ଜି. ବିଶ୍ୱନାଥ ପାତ୍ର ଓ ବି. ବିକ୍ରମ ପାତ୍ର। ସେହିପରି ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ଅସଦାଚରଣ ଓ ମାରପିଟ କରିଥିବା ଅଭିଯୋଗରେ ପୋଲିସ ମାମଲା ନମ୍ବର ୩୨୮/୨୨ରେ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏଲ. ବିପ୍ଳବ କୁମାର ପାତ୍ର, ସଂଗ୍ରାମ କେଶରୀ ପାତ୍ର, ଏଲ. ତିରୁପତି ପାତ୍ର, ଏନ୍. ଧୀରେନ ଦାଶ, ଏ . ବାଉରୀବନ୍ଧୁ ପାତ୍ର ଓ କେ. ବିନୋଦ କୁମାର।

ସୂଚନା ଅନୁଯାୟୀ, ଜଗଦଳପୁର ଗ୍ରାମରେ ଥିବା ଏକ ଶିବ ମନ୍ଦିର କମିଟି ଗଠନକୁ କେନ୍ଦ୍ରକରି ଉକ୍ତ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ବୁଧବାର ଏନେଇ ଅନୁଷ୍ଠିତ ବୈଠକରେ କୌଣସି ଏକ କାରଣକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା। ଯାହାକୁ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଉଭୟ ଗୋଷ୍ଠୀର ୧୦ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି।

#### ଦୁଇଟି ମାମଲାରେ ୧୦ କୋର୍ଟ ଚାଲାଣ

# ସିଟି ହାଇସ୍କୁଲ, ବାଳିକା ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ

ବ୍ରହ୍ମପୁର ଅଫିସ,୨୮।୭

ବିଜୁ ଜନତା ଦଳ ୨୫ ବର୍ଷ ପୂର୍ତ୍ତୀ ଅବସରରେ ବ୍ରହ୍ମପୁର ସହରର ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଚାରାରୋପଣ ହେଉଛି। ଏହି କ୍ରମରେ ବୁଧବାର ଜିଲା ମହିଳା ବିଜୁ ଜନତା ଦଳ ପକ୍ଷରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସିଟି ହାଇସ୍କୁଲଠାରେ ଗୁରୁବାର ଚାରାରୋପଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ତଥା ଗଞ୍ଜାମ ଜିଲା ମହିଳା ବିଜେଡ଼ି ସଭାନେତ୍ରୀ ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଚାରା ରୋପଣ ହୋଇଥିଲା। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାଷ ମହାରଣା ଅତିଥି ଭାବେ ଯୋଗ ଦେଇଥିଲେ। ସିଟି




ସିଟି ହାଇସ୍କୁଲରେ ଚାରାରୋପଣ ଅବସରରେ ଉପସ୍ଥିତ ଅତିଥି।

ହାଇସ୍କୁଲ ପ୍ରଧାନ ଶିକ୍ଷକ ପନ୍ନାଗ ଭୂଷଣ ମାଝି ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଳା ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡ଼ି ଯୁବ ସଭାପତି ଅଜିତ କୁମାର ପଣ୍ଡା, ଛାତ୍ର ସଭାପତି ଶୋଭନ ନାୟକ, ଜିଲା ମହିଳା ବିଜେଡ଼ି ଉପସଭାପତି ସଂଯୁକ୍ତା ସାମଲ ଓ ପୂର୍ବତନ କର୍ପୋରେଟର ମଧୁସ୍ମିତା ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ନିଷ୍ଟ ପକ୍ଷରୁ ରୋଜଗାର ରାଜ୍ୟ ବୀମା ଯୋଜନା କର୍ମଶାଳା



ବୈଠକରେ ଉପସ୍ଥିତ ନିଷ୍ଟ କର୍ମକର୍ତ୍ତା।

ବ୍ରହ୍ମପୁର ଅଫିସ,୨୮।୭

ନିଷ୍ଟ ପକ୍ଷରୁ ଗୁରୁବାର ରୋଜଗାର ରାଜ୍ୟ ବୀମା ଯୋଜନା ଉପରେ ଏକ କର୍ମଶାଳା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅଧ୍ୟକ୍ଷ ଡ.ପ୍ରିୟଦର୍ଶୀ ତ୍ରିପାଠୀ ଓ କୁଳସଚିବ କ୍ଷୀରୋଦ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ରୋଜଗାର ରାଜ୍ୟ ବୀମା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶକ ପାର୍ଥ ସାରଥୀ ପଣ୍ଡା, ମାନସ ରଞ୍ଜନ ଆଚାର୍ଯ୍ୟ ପରିଚାଳକ ଭାବେ ଯୋଗ ଦେଇଥିଲେ। ଆଞ୍ଚଳିକ ନିର୍ଦ୍ଦେଶକ କହିଥିଲେ, ରୋଜଗାର ରାଜ୍ୟ ବୀମା ଯୋଜନା କର୍ମଚାରୀଙ୍କୁ ଦୈନନ୍ଦିନ ଜୀବନରେ କିଭଳି ସହଯୋଗ କରୁଛି ସେ ସମ୍ପର୍କରେ କହିଥିଲେ। ଏଥିସହ କର୍ମଚାରୀଙ୍କ ଅସୁସ୍ଥତା, ଅକ୍ଷମତା ଓ ମୃତ୍ୟୁ ଘଟଣାରେ କର୍ମଚାରୀଙ୍କୁ ସୁରକ୍ଷା ପ୍ରଦାନ ପାଇଁ ଏହି ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ନିର୍ଦ୍ଦେଶକ କହିଥିଲେ। ଏଥିରେ ନିଷ୍ଟର ୧୭୫ କର୍ମଚାରୀ ବୀମା ଧାରକ ଉପକୃତ ହେବେ ବୋଲି ବୀମା ଯୋଜନା ପକ୍ଷରୁ କୁହାଯାଇଥିଲା। ଶିବିରକୁ କୈଳାସ ନାଥ ମଲିକ ଓ ଅଶୋକ ସାମନ୍ତରାୟ ସଂଯୋଜନା କରିଥିଲେ।

# ପଲିଥିନ୍ ବାରଣ, ମାସ୍କ ବ୍ୟବହାର ମାନୁନାହାନ୍ତି

ବ୍ରହ୍ମପୁର ଅଫିସ,୨୮।୭

ପ୍ଲାଷ୍ଟିକର ବହୁଳ ବ୍ୟବହାରରୁ ପରିବେଶ ଉପରେ ବହୁ କୁପ୍ରଭାବ ପଡୁଛି। ପ୍ଲାଷ୍ଟିକ ମଧ୍ୟରୁ ଥରେ ବ୍ୟବହୃତ ହେଉଥିବା ଓ ପଲିଥିନର ବହୁଳ ବ୍ୟବହାର ହେଉଛି। ଫଳରେ ଏହା ସହରର ନାଳ ନର୍ଦ୍ଦମା ଗୁଡିକରେ ଜମି ରହୁଥିବା ଦେଖିବାକୁ ମିଳିଥାଏ। ପ୍ଲାଷ୍ଟିକ ପାଣି ବୋତଲ, ଖାଦ୍ୟ ପଦାର୍ଥ ପ୍ୟାକିଂ ଭଳି ବିଭିନ୍ନ ସାମଗ୍ରୀ ଗୁଡିକରେ ବ୍ୟବହୃତ ହେଉଛି। ଯାହାଦ୍ୱାରା ଏହା ଶରୀରରେ କୁପ୍ରଭାବ ସାଙ୍ଗକୁ ପରିବେଶ ଉପରେ ମଧ୍ୟ ପ୍ରଭାବ ପକାଉଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ କଟକଣା ଜାରି କରାଯିବା ପରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସହରରେ ପଲିଥିନ ବ୍ୟବହାର ଉପରେ ସଂପୂର୍ଣ୍ଣ ବାରଣ କରାଯିବା ନେଇ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଯେଉଁଥିରେ ଥରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ ଉତ୍ପାଦନ, ଆମଦାନୀ, ବିକ୍ରୟ, ମହଜୁଦ, ବଣ୍ଟନ ଓ ବ୍ୟବହାରକୁ ନିଷିଦ୍ଧ କରାଯାଇଥିଲା। ଏଥିସହ ପ୍ଲାଷ୍ଟିକରେ



ତିଆରି କାଠି, ଚାମଚ, ଗ୍ଲାସ, କ୍ୟାଣ୍ଡି ଷ୍ଟିକ, ଟ୍ରେ ଓ ଥର୍ମକୁଲ ପ୍ଲେଟ ବ୍ୟବହାର ଉପରେ ନିଷିଦ୍ଧାଦେଶ ଜାରି କରାଯାଇଛି। ଏହି କଟକଣାର କୌଣସି ବ୍ୟବସାୟୀ କିମ୍ବା ସାଧାରଣ ଲୋକ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲ। କିନ୍ତୁ ସହରବାସୀ ଓ ବ୍ୟବସାୟୀମାନେ ଖୋଲାଖୋଲି ନିୟମ ଉଲ୍ଲଂଘନ କରୁଥିବା ଦୃଷ୍ଟିକୁ ଆସିଛି। ସହରର ବିଶେଷ କରି ଫାଷ୍ଟ ଫୁଡ ଦୋକାନଗୁଡିକରେ ଥର୍ମକୁଲ ପ୍ଲେଟ ବହୁଳ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ଭେଣ୍ଡିଂ ଜୋନ ଓ ରାସ୍ତା କଡରେ ବ୍ୟବସାୟ କରୁଥିବା ବହୁ ଉଠା ଦୋକାନୀମାନେ କୌଣସି ଦ୍ରବ୍ୟ ବିକ୍ରି ସମୟରେ ପଲିଥିନ ବ୍ୟବହାର କରୁଛନ୍ତି। ଏହାକୁ ନେଇ ଅନେକ ସମୟରେ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ପକ୍ଷରୁ ଚଢାଉ ମଧ୍ୟ କରାଯାଇଛି। ଅନ୍ୟପଟେ ବିଏମ୍‌ସି ପକ୍ଷରୁ ଗତ ୧୮ ତାରିଖରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ସହରରେ ମାସ୍କ ବାଧ୍ୟତାମୂଳକ କରାଯାଇଥିଲା। ଏପରିକି ଜନସାଧାରଣ, ସ୍ପୋର୍ଟସ ଏରେନା, ବ୍ୟବସାୟିକ ପେଣ୍ଠସ୍ଥଳୀ, ପେଟ୍ରୋଲ ପମ୍ପ, ସରକାରୀ କାର୍ଯ୍ୟାଳୟ ଓ ପାର୍କ ଗୁଡିକରେ ମାସ୍କ ବାଧ୍ୟତାମୂଳକ କରାଯାଇଥିଲା। ତତସହିତ ସାମାଜିକ ଦୂରତା ରକ୍ଷା ପାଇଁ ମଧ୍ୟ ଗାଇଡ୍ ଲାଇନ ଜାରି କରାଯାଇଥିଲା। ଏଥିସହ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ପକ୍ଷରୁ ମାସ୍କ ପିନ୍ଧିବା ପାଇଁ ବିଭିନ୍ନ ମଲ ଓ ବ୍ୟବସାୟୀକ ପେଣ୍ଠସ୍ଥଳୀଗୁଡିକରେ ମାସ୍କ ପିନ୍ଧିବା ପାଇଁ ପରାମର୍ଶ ଦିଆଯିବା ସହ ଗାଇଡଲାଇନ ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। କିନ୍ତୁ ଏହି ନିୟମକୁ ସହରବାସୀ କିମ୍ବା ସପିଂ ମଲରେ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଛି। ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ପକ୍ଷରୁ ଚଢାଉ କ୍ଷେତ୍ରରେ କୋହଳ ଓ ମାସ୍କ ସଚେତନତା କରାଯାଉ ନ ଥିବାରୁ ସହରବାସୀ ଓ ବହୁ ବ୍ୟବସାୟୀକ ପ୍ରତିଷ୍ଠାନ ଖାମ ଖିଆଲି ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତଙ୍କ ସହ ଯୋଗାଯୋଗ ବେଳେ କହିଛନ୍ତି, ବର୍ତ୍ତମାନ ସହରରେ ଗଚ୍ଛିତ ଥିବା ପଲିଥିନ ଓ ଅନ୍ୟାନ୍ୟ ପ୍ଲାଷ୍ଟିକ ସାମଗ୍ରୀଗୁଡିକୁ ନଷ୍ଟ କରିବା ସହ ସାରିବା ପାଇଁ ଏକ ମାସ ସମୟ ଦିଆଯାଇଛି। ଏହାପରେ କୌଣସି ବ୍ୟକ୍ତି ନିୟମ ଖିଲାପ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ମାସ୍କ ପରିଧାନ ପାଇଁ ସଚେତନ ମଧ୍ୟ କରାଯାଉଛି। ଏ କ୍ଷେତ୍ରରେ ସହରବାସୀ ମଧ୍ୟ ସଚେତନ ହେବା ଜରୁରୀ ବୋଲି ସେ କହିଛନ୍ତି।

#### ଏନ୍‌ଫୋର୍ସମେଣ୍ଟ ଚଢାଉରେ ଧିମା

